# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1841 CUTTACK, THURSDAY, SEPTEMBER 26, 2019/ASWINA 4, 1941**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି

ଅଧିସୂଚନା

ତାରିଖ 17 ଅଗଷ୍ଟ 2019

ସଂଖ୍ୟା 253—ଭୂ.ଅ.ମା.ସଂ.-୫/୨୦୧୮-ଭବାନୀପାଟଣା—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରେତ ଜଳସେଚନ ପ୍ରକଳ୍ପର ଦକ୍ଷିଣ କେନାଲ ସିଷ୍ଟମର କେନାଲ ନିର୍ମାଣ ନିମନ୍ତେ ସରକାର, ସରକାରୀ ବ୍ୟୟରେ ମୌଜା ଡୋରାପଦର, ଥାନା ଭବାନୀପାଟଣା, ତହସିଲ ଭବାନୀପାଟଣା, ଜିଲ୍ଲା କଳାହାଣ୍ଡିରେ ନିମ୍ନ ତଫସିଲମତେ ପ୍ରାୟ ୦.୫୦ ଏକର ପରିମିତ ଭୂମି ଉପରୋକ୍ତ ଡୋରାପଦର ଗ୍ରାମରେ ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013ର ଧାରା 11(1)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଦକ୍ଷିଣ କେନାଲ ସିଷ୍ଟମର କେନାଲ ନିର୍ମାଣ ନିମନ୍ତେ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ରେତ କେନାଲ ଡିଭିଜନ, ଭବାନୀପାଟଣା ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – କୌଣସି ବିସ୍ଥାପନ ହେଉନାହିଁ ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଭବାନୀପାଟଣା ।

ଜମିର ବିଶଦବିବରଣୀ

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ଅର୍ଜିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|
| ଏଥିସହ ସଂଲଗ୍ନ କରାଗଲା | | | | | | | |

ଉକ୍ତ ଭୂମିର ଏକ ନକ୍ସା, ତଥା ବିସ୍ତୃତ ବିବରଣୀ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କଳାହାଣ୍ଡି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ଭୂମି ଅନୁସୂଚୀ**

**ମୌଜା ଦୋରାପଦର, ଥାନା ଭବାନୀପାଟଣା ନଂ. ୧୮୧, ତହସିଲ ଭବାନୀପାଟଣା, ଜିଲ୍ଲା କଳାହାଣ୍ଡି**
**ଡ଼ାହାଣ ଡ଼ିଷ୍ଟ୍ରିବ୍ୟୁଟାରୀର କେନାଲ ନିର୍ମାଣ ନିମନ୍ତେ**

| ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅର୍ଜିତ ହେବାକୁଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) |
| | | | | | | | ଏକର | ଏକର | |
| କଳାହାଣ୍ଡି | ଭବାନୀପାଟଣା | ଦୋରାପଦର | ଗ୍ରାମାଞ୍ଚଳ | ୯ | ୫୩ | ମାଳ | ୦.୫୭ | ୦.୧୨ | ସେବତୀ ମାଝୀ, ସ୍ୱା. ଗରନ ମାଝୀ, ନୃପ କିଶୋର ମାଝୀ, ତରୁଣସେନ ମାଝୀ, ନିରାକାର ମାଝୀ, ପି. ଅର୍ଜୁନ ମାଝୀ, ଜା. କନ୍ଧ, ବା. ନିଜଗାଁ । |
| | | | | ୫୮ | ୫୪ | ମାଳ | ୦.୨୩ | ୦.୨୩ | ମାନ୍ଦଲ ଗଣ୍ଡ, ପି. କଲିଆ ଗଣ୍ଡ, ଜା. ଗଣ୍ଡ, ବା ନିଜଗାଁ । |
| | | | | ୩୬ | ୫୮ | ମାଳ | ୦.୬୫ | ୦.୧୫ | ଟିକେରଞ୍ଜନ ମାଝୀ, ପି. ଥବିର ମାଝୀ, ଜା. କନ୍ଧ, ବା. ନିଜଗାଁ । |
| | | | | | | **ମୋଟ ରକବା . .** | | **୦.୫୦** | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଗାଭାଲି ପି. ହରଶାଦ**

ଜିଲ୍ଲାପାଳ, କଳାହାଣ୍ଡି

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1172—173+15